# ପିଲାଙ୍କ ଧରିତ୍ରୀ

ଶନିବାର, ୦୧ ଫେବୃୟାରୀ, ୨୦୨୦



## ମତାମତ

"ସରସ୍ୱତୀ ପୂଜା ଏବଂ ସାଧାରଣତନ୍ତ୍ର ଦିବସ ସମ୍ପର୍କିତ ଏଥରର ପିଲାଙ୍କ ଧରିତ୍ରୀ ପ୍ରଚ୍ଛଦଟି ମନଛୁଆଁ ହୋଇଥିଲା। କୁନି କୁନି ପିଲାଙ୍କ ହାତରେ ଅଙ୍କାଯାଇଥିବା ପ୍ରତିଟି ଚିତ୍ର ଖୁବ୍ ସୁନ୍ଦର ଲାଗୁଥିଲା।

- **ଅମିତ୍ କୁମାର ସାହୁ**, ତିର୍ତ୍ତୋଲ, ଜଗତ୍‌ସିଂହପୁର

"ଗପ ସ୍ତମ୍ଭରେ ସ୍ଥାନିତ 'ସଫଳତାର ମନ୍ତ୍ର' ବେଶ୍ ଶିକ୍ଷଣୀୟ ଥିଲା। ସଫଳତାର ଗୁରୁମନ୍ତ୍ର ବିଷୟରେ ଆମେ ଏଥିରୁ ଜାଣିବାକୁ ପାଇଲୁ।

- **ଲିଟିଲ୍, ଟ୍ୱିଙ୍କିଲ୍, ସୋନାଲି**, ନରେନ୍ଦ୍ରପୁର, ଗଞ୍ଜାମ

"ତୁମ ତୂଳୀରୁ ପୃଷ୍ଠାରେ ସ୍ଥାନିତ ସମସ୍ତ ଚିତ୍ର ଖୁବ୍ ସୁନ୍ଦର ଲାଗୁଥିଲା। କୁନି କୁନି ପିଲାଙ୍କୁ ଏହି ପୃଷ୍ଠାଟି ବେଶ୍ ଉତ୍ସାହିତ କରିପାରୁଛି।

- **ନନ୍ଦିନୀ ମହାପାତ୍ର**, କ୍ଲାସ-୭, କାକୁଡିଆ, ଜଟଣୀ

"କବିତା ପୃଷ୍ଠାଟି ଖୁବ୍ ସୁନ୍ଦର ଦିଶୁଥିଲା। ଆଉ ଏଥିରେ ପ୍ରକାଶିତ ସମସ୍ତ କବିତା ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା।

- **ରବୀନ୍ଦ୍ର ପ୍ରସାଦ ଚାନ୍ଦ**, ଆନନ୍ଦପୁର, କେନ୍ଦୁଝର

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡ଼ିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**

dharitrifeature@gmail.com

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ବିଲୁଆର ବୁଦ୍ଧି




ଜଙ୍ଗଲ ମଝିରେ ଥାଏ ଛୋଟ ଗଡ଼ିଆଟିଏ। ଚାରିପାଖରେ ବଡ଼ ବଡ଼ ଗଛଗୁଡ଼ିକ ସେମାନଙ୍କର ଶାଖା ପ୍ରଶାଖା ବଢ଼ାଇ ଦେଇଥାନ୍ତି ଯେ ଗାଡ଼ିଆ ପାଣିରେ ଖରା ଟିକେ ବି ପଡ଼େ ନାହିଁ। ଏଥିରେ ବର୍ଷ ସାରା ପାଣି ଭରି ରହିଥାଏ। ଏମିତିକି ପ୍ରଚଣ୍ଡ ଖରାଦିନେ ଯେତେବେଳେ ନଈ, ନାଳ, ଗାଡ଼ିଆ, ପୋଖରୀରେ ପାଣି ବୋଲି ଟୋପାଏ ଦେଖିବା ସ୍ୱପ୍ନ ହୁଏ ଏବଂ ଭୂଇଁ ଫାଟି ଆଁ କରିଦିଏ, ଆଶ୍ଚର୍ଯ୍ୟର କଥା ସେ ସମୟରେ ବି ସେ ଗାଡ଼ିଆରେ ପାଣି ଭରି ରହିଥାଏ। ତେଣୁ ଖରାଦିନ ହେଲେ ଜଙ୍ଗଲର ସବୁ ପଶୁଙ୍କର ଏକମାତ୍ର ସାହାଭରସା ସେହି ଗାଡ଼ିଆଟି। ସଭିଏଁ ସେଠାରେ ପାଣି ପିଇବା ପାଇଁ ଭିଡ଼ ଜମାନ୍ତି କିନ୍ତୁ କେହି କେବେବି ପାଣିକୁ ଅପରିଷ୍କାର କରନ୍ତି ନାହିଁ।

ଦିନକର କଥା। ପ୍ରାଣୀ (ପଶୁପକ୍ଷୀ) ମାନେ ପାଣି ପିଉଥିବା ବେଳେ କେଉଁଠୁ ଏକ ଅଜଣା ବାଘ ହଠାତ୍ ଗାଡ଼ିଆ ଭିତରେ ପଶି ଗୋଧୋଇ ପାଣିକୁ ଅପରିଷ୍କାର କରିଦେଲା। ସମସ୍ତଙ୍କର ବାରଣ ସତ୍ତ୍ୱେ ସେ କାହାରି କଥା ନ ଶୁଣି ଗାଧୋଇବାରେ ଲାଗିଥାଏ। ଓଲଟା ସମସ୍ତଙ୍କୁ ତାଗିଦ୍ କରି କହିଲା, ଚୁପ୍‌ଚାପ୍ ପାଣି ପିଇ ଏଠାରୁ ଚାଲିଯାଅ ନଚେତ୍ ଗୋଟିଏ ଗୋଟିଏ କରି ସମସ୍ତଙ୍କୁ ମାରିଦେବି। ଭୟରେ କେହି କିଛି ନ କହି ଚାଲିଗଲେ। ଏହିପରି ପ୍ରତିଦିନ ଚାଲିଲା। ବଣର ପ୍ରାଣୀମାନେ ପାଣି ପିଇବା ପାଇଁ ବହୁତ୍ ହଇରାଣ ହରକତ ହେଲେ। ତେଣୁ କେହି କେହି ଜଙ୍ଗଲ ଛାଡି ଅନ୍ୟତ୍ର ଚାଲିଯିବା ପାଇଁ ଉଚିତ ମନେ କଲେ। ଏସବୁ କଥା ବିଲୁଆକୁ ଆଦୌ ଭଲ ଲାଗିଲା ନାହିଁ। ସେ ବାଘକୁ ଉଚିତ ଶିକ୍ଷା ଦେବା ଲାଗି ମନେ ମନେ ସ୍ଥିର କଲା। ତହିଁ ପରଦିନ ବଡ଼ି ଭୋରରୁ ଉଠି ବିଲୁଆ ହାତୀମାନଙ୍କ ସହଯୋଗରେ କିଛି କଣ୍ଟାପୂର୍ଣ୍ଣ ଡାଳ ନେଇ ଗାଡ଼ିଆ ମଝିରେ ପକାଇ ଦେଇଆସିଲା। କଣ୍ଟାପୂର୍ଣ୍ଣ ଡାଳଗୁଡ଼ିକ ପାଣି ଉପରକୁ ଦେଖାଯାଉ ନ ଥାଏ। ମଧ୍ୟାହ୍ନରେ ବଣର ପଶୁପକ୍ଷୀମାନେ ଗାଡ଼ିଆ ଚାରିପାଖେ ପାଣି ପିଉଥାନ୍ତି। ସବୁଦିନ ପରି ଦୁଷ୍ଟ ବାଘ ଉପରୁ ଲମ୍ଫ ମାରିଲା ଯେ ପଡ଼ିଲା ଯାଇ ଗାଡ଼ିଆ ମଝିରେ। ହେଲେ ଏଥର ସେ ଯାଏ କୁଆଡ଼େ। ତା'ର ପାଦ, ଗୋଡ଼, ଦେହ ଚାରିଆଡ଼େ କଣ୍ଟା ସବୁ ଫୋଡି ହୋଇଗଲା। ସେ ଗାଧେଇବ କ'ଣ ଜୀବନ ବିକଳରେ ଗର୍ଜନ କରି ସିଧା ଉପରକୁ ଚାଲି ଆସିଲା। କଣ୍ଟାରେ ତା' ଦେହର ଅନେକ ସ୍ଥାନ ଚିରି ହୋଇ ଯାଇଛି ତ କେତେକ ସ୍ଥାନ କଣା ହୋଇଯାଇଛି। ଅନେକ ଅଧା ଭଙ୍ଗା କଣ୍ଟା ମଧ ତା' ଦେହରେ ଲାଗି ରହିଥାଏ ଏବଂ ଦେହସାରା ରକ୍ତ ବାହାରୁଥାଏ। ସେ କି ଆଉ ସେଠାରେ ରୁହେ। ଯନ୍ତ୍ରଣାରେ ଛଟପଟ ହୋଇ ଭୟଙ୍କର ଗର୍ଜନ କରି ସେ ଜଙ୍ଗଲ ଛାଡ଼ି ଚାଲିଗଲା।

ବିଲୁଆର ଏ ବୁଦ୍ଧିକୁ ସମସ୍ତେପ୍ରଶଂସା କଲେ ସମସ୍ତେ ଏବଂ ଦୁଷ୍ଟ ବାଘ ଉଚିତ ଦଣ୍ଡ ପାଇଥିବାରୁ ବହୁତ ଖୁସି ମଧ ହେଲେ। ସେଇଦିନ ଠାରୁ ପ୍ରାଣୀମାନେ ପାଣି ପିଇବା ପାଇଁ ପୁଣି ଭିଡ଼ ଲଗାଇଲେ ସେ ଗାଡ଼ିଆ ପାଖରେ।

– **ଲକ୍ଷ୍ମୀଧର ନାୟକ**, ବାଉଁଶିଆପଡ଼ା, ନୟାଗଡ଼
ମୋ: ୮୨୭୦୩୭୨୪୯୮

## ବିନ୍ଦୁ ଯୋଡ଼



## ଖିଲିଖିଲି ହସ

(ଅଜା ଓ ନାତି ମଧ୍ୟରେ କଥାବାର୍ତ୍ତା)
ନାତି: ଅଜା , ତମର ମୁଣ୍ଡ କେଶ ପାଚିଯାଇଛି ହେଲେ ତୁମ ନିଶ କଳା ଦେଖାଯାଉଛି କେମିତି ?
ଅଜା:ଆରେ ନାତି, ମୋ ନିଶ ମୁଣ୍ଡ କେଶଠୁ ୨୦ବର୍ଷ ସାନ।

(ବାପା – ପୁଅ ମଧ୍ୟରେ କଥାବାର୍ତ୍ତା)
ପୁଅ: ବାପା, ମୋତେ ଦଶଟଙ୍କା ଦିଅ, ଗରିବକୁ ଦେବି ।
ବାପା: କେଉଁଠି ଅଛି ସେ ଗରିବ ?
ପୁଅ: ବିଚରା ବାହାରେ ଠିଆ ହୋଇ ଆଇସ୍‌କ୍ରିମ୍ ବିକୁଛି।

ଶିକ୍ଷକ ଛାତ୍ରଙ୍କୁ ପଚାରିଲେ– ଆଚ୍ଛା, କହିଲ ଦିନରେ କେତେବେଳେ ତାରା ଦେଖାଯାଏ ?
ଛାତ୍ର– ସାର୍, ଯେତେବେଳେ ଚଟକଣା ଗାଲରେ ବସେ ।

## ଚଗଲା ଭୀମୁ





# ମିଶାଇଲ୍ ବୈଜ୍ଞାନିକ

# ଟେସି ଥୋମାସ



ସ୍ୱାଧୀନ ଭାରତବର୍ଷରେ ଯେତେ ଜଣ ମହିଳା ବୈଜ୍ଞାନିକ ଜନ୍ମଗ୍ରହଣ କରିଛନ୍ତି ସେମାନଙ୍କ ମଧ୍ୟରୁ ମିଶାଇଲ ବୈଜ୍ଞାନିକ ଟେସି ଥୋମାସ ଅନ୍ୟତମ। ବର୍ତ୍ତମାନ ପୁରୁଷ ପ୍ରଧାନ ସମାଜରେ ନାରୀମାନଙ୍କର ଯଥାର୍ଥ ପ୍ରତିନିଧିତ୍ୱ କରି ଭାରତର ମିଶାଇଲ ଟେକ୍ନୋଲୋଜି କ୍ଷେତ୍ରରେ ନୂତନ ଇତିହାସ ସୃଷ୍ଟି କରିଛନ୍ତି। ସେ କଠିନ ପରିଶ୍ରମୀ, କଷ୍ଟ ସହିଷ୍ଣୁ ଏବଂ ସରଳ ନିରାଡମ୍ବର ଜୀବନ ଯାପନ କରୁଛନ୍ତି। ମିଶାଇଲ୍ ବୈଜ୍ଞାନିକ ଟେସି ଥୋମାସ ୧୯୬୪ ମସିହାରେ କେରଳର ଆଲେପି ସହରରେ ଜନ୍ମଗ୍ରହଣ କରିଥିଲେ। ସେ ପ୍ରାଥମିକ ଶିକ୍ଷା ଆଲପୂଜା ବାଳିକା ବିଦ୍ୟାଳୟରୁ ଶେଷ କରି କାଲିକଟର ତ୍ରିଶୂର ଇଞ୍ଜିନିୟରିଂ କଲେଜରୁ ବି ଟେକ କରିଥିଲେ। ତା'ପରେ ସେ ଉଚ୍ଚଶିକ୍ଷା କରିବା ପାଇଁ ପୁଣେରେ ଗାଇଡେଜ୍ ମିଶାଇଲରେ ଏମ୍ ଟେକ୍ କରିଥିଲେ। ତୁଳସୀ ଦୁଇପତ୍ରରୁ ବାସିଲା ପରି ସେ ଜଣେ ବଡ଼ କ୍ଷେପଣାସ୍ତ୍ର ବୈଜ୍ଞାନିକ ହେବେ ବୋଲି ପିଲାଟିଦିନରୁ ଜଣାପଡିଥିଲା। ଛାତ୍ର ଜୀବନରେ ସେ ମେଧାବୀ ଏବଂ କଠିନ ପରିଶ୍ରମ କରୁଥିଲେ। ଦିନରାତି ପାଠ ପଢୁଥିଲେ। ଭବିଷ୍ୟତରେ ଜଣେ ରକେଟ ପାଇଲଟ ହେବା ପାଇଁ ସ୍ୱପ୍ନ ଦେଖିଥିଲେ। ନୀଳ ଆକାଶରେ ଉଡିବା ତାଙ୍କର ଇଚ୍ଛା ଥିଲା। ତେବେ ପିଲାଟି ବେଳୁ ବୈଜ୍ଞାନିକ ହେବା ପାଇଁ ମା' ହିଁ ତାଙ୍କୁ ପ୍ରେରଣା ଦେଇଥିଲେ।

ଟେସି ଏମ୍ ଟେକ୍ ଶେଷ କରିବା ପରେ ଭାରତ ସରକାରଙ୍କ ପ୍ରତିରକ୍ଷା ବିଭାଗର ବୈଜ୍ଞାନିକ ଭାବେ ନିଯୁକ୍ତି ପାଇଲେ। କିଛିଦିନ ପ୍ରତିରକ୍ଷା ବିଭାଗରେ କାର୍ଯ୍ୟ କରିସାରିବା ପରେ ସେ ଭାରତ ସରକାରଙ୍କ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନରେ ବୈଜ୍ଞାନିକ ରୂପେ ଯୋଗ ଦେଲେ। ସେହି ସମୟରେ ଡ. ଏପିଜେ ଅବଦୁଲ କଲାମ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନର ନିର୍ଦ୍ଦେଶକ ଥିଲେ। ଟେସି କଲାମଙ୍କ ସହକାରୀ ବୈଜ୍ଞାନିକ ରୂପେ କାର୍ଯ୍ୟ ଆରମ୍ଭ କଲେ। କଲାମ ଟେସିଙ୍କୁ ଆଗକୁ ଯିବା ପାଇଁ ପ୍ରେରଣା ଓ ଉତ୍ସାହ ଦେଇଥିଲେ। ଅବଦୁଲ କଲାମଙ୍କ ପରେ ଟେସି ୪୮ ବର୍ଷ ବୟସରେ ଅଗ୍ନି-୪ କ୍ଷେପଣାସ୍ତ୍ରର ନିର୍ଦ୍ଦେଶକ ହେଲେ। ତାଙ୍କ ନେତୃତ୍ୱରେ ଦୁଇଶହରୁ ଉର୍ଦ୍ଧ୍ୱ ବୈଜ୍ଞାନିକ ଅଗ୍ନି-୪ କ୍ଷେପଣାସ୍ତ୍ର ପାଇଁ କାର୍ଯ୍ୟ କରୁଥିଲେ। ସେ ଅଗ୍ନି-୪ କ୍ଷେପଣାସ୍ତ୍ର ପାଇଁ ଅକ୍ଳାନ୍ତ ପରିଶ୍ରମ କରିଥିଲେ। ଅଗ୍ନି-୪ କ୍ଷେପଣାସ୍ତ୍ରର ୫ ହଜାର ୫ ଶହ କିଲୋମିଟର ଲକ୍ଷ୍ୟ ଭେଦ କରିବାର କ୍ଷମତା ଅଛି। ଆଗରୁ ଏହି କ୍ଷମତା ଆମେରିକା, ରୁଷ୍ ଓ ଚାଇନାର ହିଁ ଥିଲା। ଭାରତ ଏହି ତିନୋଟି ରାଷ୍ଟ୍ର ସହିତ କ୍ଷେପଣାସ୍ତ୍ର କ୍ଲବରେ ସଦସ୍ୟ ହେଲା। ପଡୋଶୀ ରାଷ୍ଟ୍ର ଚାଇନା, ପାକିସ୍ତାନ ଓ ରୁଷ୍‌ର ସମସ୍ତ ସହରକୁ ଏହି କ୍ଷେପଣାସ୍ତ୍ର ଲକ୍ଷ୍ୟ ଭେଦ କରିପାରିବ। ଆଶାନୁରୂପ ଲକ୍ଷ୍ୟ ଭେଦ କରିବା ଯୋଗୁ ଏହି ପ୍ରକଳ୍ପର ସମସ୍ତ ବୈଜ୍ଞାନିକଙ୍କ ମଧ୍ୟରେ ବୃଦ୍ଧି ପାଇଲା ଉତ୍ସାହ । ଭାରତର ପ୍ରତୀରକ୍ଷା ଓ ସୁରକ୍ଷା କ୍ଷେତ୍ରରେ ଏହାର ଗୁରୁତ୍ୱ ବେଶି। ଏହା ପରେ ଅଗ୍ନି-୫ର ପ୍ରସ୍ତୁତି ଓ ପରୀକ୍ଷା ପାଇଁ ଆରମ୍ଭ ହେଲା ପଦକ୍ଷେପ। ଅଗ୍ନି-୪ କ୍ଷେପଣାସ୍ତ୍ର ଠାରୁ ଏହା ଅଧିକ କିଲୋମିଟର ଲକ୍ଷ୍ୟ ଭେଦ କରିପାରିବ।

ଦୀର୍ଘଦିନର ନିରବଚ୍ଛିନ୍ନ ଉଦ୍ୟମ, ପ୍ରଚେଷ୍ଟା ଓ ଅଧ୍ୟବସାୟ ଫଳରେ ଅଗ୍ନି-୪ କ୍ଷେପଣାସ୍ତ୍ର ପରୀକ୍ଷା ସଫଳ ହେବା ପରେ ଟେସିଙ୍କ ଆଖିରୁ ଝରିପଡିଲା ଆନନ୍ଦାଶ୍ରୁ। ଅତୀତରେ ଦେଇଥିବା କଥାକୁ କାମରେ କରି ଦେଖାଇଥିବାରୁ ସଙ୍ଗେ ସଙ୍ଗେ ତାଙ୍କ ମା'ଙ୍କୁ ଟେଲିଫୋନ କରି ସଫଳ ପରୀକ୍ଷଣ କଥା କହିଥିଲେ। ଅଗ୍ନି ପ୍ରକଳ୍ପ (୪)ର ସମସ୍ତ ବୈଜ୍ଞାନିକଙ୍କୁ ଅଭିନନ୍ଦନ ଜଣାଇଥିଲେ। ଭୂପୃଷ୍ଠରୁ ଭୂପୃଷ୍ଠକୁ ଲକ୍ଷ୍ୟ ଭେଦ କରିପାରିଥିବା ଅଗ୍ନି-୪ କ୍ଷେପଣାସ୍ତ୍ରର ସଫଳତା ପଛରେ ଟେସି ଥୋମାସଙ୍କ ଭୂମିକା ଅତୁଳନୀୟ ଥିଲା। ସେଥିପାଇଁ ତାଙ୍କ ବନ୍ଧୁ ତାଙ୍କୁ ଅଗ୍ନି କନ୍ୟା ବା ଅଗ୍ନିପୁତ୍ରୀ ଭାବେ ସମ୍ବୋଧନ କରିଥିଲେ। ତତ୍‌ସହିତ ତାଙ୍କୁ ଭାରତର ମିଶାଇଲ ୱୁମେନ ମଧ୍ୟ କୁହାଯାଉଥିଲା। ଭାରତବର୍ଷରେ ଜଣେ ମହିଳା ମିଶାଇଲ ବୈଜ୍ଞାନିକ କ୍ଷେପଣାସ୍ତ୍ର ଟେକ୍ନୋଲୋଜିରେ ନୂଆ ଇତିହାସ ସୃଷ୍ଟି କରିଥିଲେ ଯାହା ସବୁ ଦିନ ସ୍ମରଣୀୟ ହୋଇ ରହିବ। ଟେସିଙ୍କ ମତରେ ପ୍ରତ୍ୟେକ ବ୍ୟକ୍ତି ଯିଏ ଯେଉଁ ପଦ ବା କ୍ଷମତାରେ ଥାଉ ନା କାହିଁକି ପ୍ରଥମେ ସେ ନିଜ କର୍ତ୍ତବ୍ୟକୁ ଠିକ୍ ଭାବେ ବିବେଚନା କରିବା ଜରୁରୀ। ଏଥିପାଇଁ ଦାୟିତ୍ୱ ଏବଂ ଉତ୍ତର ଦାୟିତ୍ୱ ନିଜ କାନ୍ଧକୁ ନେବା ଦରକାର। ଏସବୁ କାର୍ଯ୍ୟରେ ଜଟିଳତା ଅନେକ ରହିଛି ସତ ମାତ୍ର ଦୃଢ ଆତ୍ମବିଶ୍ୱାସ, ପରିଶ୍ରମ, ଅଧ୍ୟବସାୟ ଏବଂ କାର୍ଯ୍ୟ ପ୍ରତି ନିଷ୍ଠା ରହିଲେ ସଫଳତାର ଶୀର୍ଷ ସ୍ଥାନରେ ପହଞ୍ଚିପାରିବ। ବିଜ୍ଞାନର କୌଣସି



ଲିଙ୍ଗଗତ ପ୍ରଭେଦ ନାହିଁ। ଭାରତୀୟ ମହିଳା ଯେ ବେଶ୍ ସଶକ୍ତ ଓ ଦକ୍ଷ ତାହା ମିଶାଇଲ୍ ବୈଜ୍ଞାନିକ ଟେସି ଥୋମାସଙ୍କ ଜୀବନୀରୁ ପ୍ରମାଣିତ ହୋଇଛି। ବିଶ୍ୱରେ ପ୍ରତିକ୍ଷେତ୍ରରେ ଭାରତୀୟ ମହିଳା ଗର୍ବିତ କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ।

**– ବାଇଧର ପଲାଇ**
ସିଆରସିସି, ଭଦ୍ରକ ବ୍ଲକ, ଭଦ୍ରକ
ମୋ: ୯୯୩୭୦୫୪୬୯୨

## କେମିତି ମନେ ରହିବ ପାଠ

*ପାଖେଇ ଆସିଲାଣି ପରୀକ୍ଷା। ପିଲାମାନଙ୍କ ଧ୍ୟାନ ଏବେ କେବଳ ପାଠ ପଢ଼ା ଉପରେ। ଏହି ସମୟରେ ପିଲାମାନଙ୍କୁ ସମ୍ପୂର୍ଣ୍ଣ ପାଠ୍ୟକ୍ରମକୁ ସାରିବାକୁ ପଡିଥାଏ। ତେବେ ଏଭଳି କିଛି ଟିପ୍ସ ଆପଣେଇବା ଦ୍ୱାରା ପାଠ ସହଜରେ ମନେ ରହିପାରିବ...*

- ପାଠ ପଢ଼ାକୁ ସହଜ କରିବା ଲାଗି ସର୍ବପ୍ରଥମେ ନିଜର ପାଠ୍ୟକ୍ରମର କାର୍ଯ୍ୟସୂଚୀ ପ୍ରସ୍ତୁତ କରନ୍ତୁ।
- ଟାଇମ୍ ଟେବଲ ପ୍ରସ୍ତୁତ କରିବା ପରେ କେଉଁ ବିଷୟ କେତେବେଳେ ପଢ଼ିବେ ଏବଂ କେତେ ସମୟ ପଢ଼ିବେ ନିର୍ଦ୍ଧାରଣ କରନ୍ତୁ।
- ପରୀକ୍ଷା ପାଇଁ ପ୍ରସ୍ତୁତି କଲା ବେଳେ କଷ୍ଟ ଲାଗୁଥିବା ବିଷୟକୁ ସର୍ବ ପ୍ରଥମେ ପଢ଼ନ୍ତୁ ଏବଂ ସେହି ବିଷୟ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ।
- ପଢ଼ିବା ଲାଗି ଟାଇମ ମ୍ୟାନେଜ୍‌ମେଣ୍ଟ ବି ଜରୁରୀ। ନିଜ ହିସାବରେ ଯେଉଁ ସମୟ ଆପଣଙ୍କୁ ପଢ଼ିବା ପାଇଁ ଭଲଲାଗେ ସେହି ସମୟ ନିର୍ଦ୍ଧାରଣ କରନ୍ତୁ।
- ପଢ଼ିବା ସକାଶେ ସବୁ ବେଳେ ନିରୋଳା ସ୍ଥାନ ବାଛନ୍ତୁ।
- ବହୁତ ସମୟ ଧରି ପଢ଼ନ୍ତୁ ନାହିଁ। ପ୍ରତି ଏକ ଘଣ୍ଟାରେ ୧୦ ମିନିଟର ବିରତି ନିଅନ୍ତୁ। ଏହା ଦ୍ୱାରା ପଢ଼ୁଥିବା ପାଠ ଭଲ ମନେ ରହିଥାଏ।
- ଗୋଟିଏ ବିଷୟକୁ ଘୋଷି ମନେ ରଖିବା ଅପେକ୍ଷା ତାକୁ ବୁଝିବାକୁ ଚେଷ୍ଟା କରନ୍ତୁ ଏବଂ ବୁଝି ସାରିବା ପରେ ଲେଖିବାକୁ ଚେଷ୍ଟା କରନ୍ତୁ। ପଢ଼ିବା ଏବଂ ଲେଖିବା ଭିତରେ ଆପଣଙ୍କର ସମ୍ପୂର୍ଣ୍ଣ ବିଷୟଟି ମନେ ରହିଯିବ।
- ଦିନକର ପାଠ ସାରିବା ପରେ ଏହାର ଏକ ତାଲିକା ପ୍ରସ୍ତୁତ କରନ୍ତୁ ଏବଂ ପ୍ରତ୍ୟେକ ବିଷୟକୁ ପୁଣି ଥରେ ମନେ ପକାଇବା ପାଇଁ ଚେଷ୍ଟା କରନ୍ତୁ।
- ଯଦି କୌଣସି ବିଷୟ ପଢ଼ିବାକୁ ବୋର୍ ଲାଗେ ତେବେ ସେହି ବିଷୟରେ ଭଲ ଭାବେ ଜାଣିଥିବା ନିଜ ସାଙ୍ଗଙ୍କ ସହାୟତା ନେଇପାରିବେ। ତାଙ୍କ ସହିତ ମିଶି ପଢିବା ଦ୍ୱାରା ଅତି ସହଜରେ ସେ ଆପଣଙ୍କୁ ସେହି ବିଷୟରେ ବୁଝାଇପାରିବେ।
- ପଢ଼ିବା ସମୟରେ ବିଷୟକୁ ଉଦାହରଣ ସହ ପଢ଼ନ୍ତୁ ଯାହା ଫଳରେ ପାଠ ସହଜରେ ମନେ ରହିବ।
- ଗୋଟିଏ ବିଷୟ ପଢ଼ିସାରିବା ପରେ ତାହାର ସମ୍ଭାବ୍ୟ ପ୍ରଶ୍ନ କ'ଣ ଆସିପାରେ ତାକୁ ଲେଖି ଉତ୍ତର ଦେବାକୁ ଚେଷ୍ଟା କରନ୍ତୁ।
- ଇମ୍ପୋଟାଣ୍ଟ ପଏଣ୍ଟଗୁଡିକୁ ନୋଟ କରନ୍ତୁ।
- ଆଜିର ପାଠ ସରିଗଲା ପରେ କାଲିର ପାଠ୍ୟକ୍ରମ ପାଇଁ ଯୋଜନା ପ୍ରସ୍ତୁତ କରି ରଖନ୍ତୁ।



**ଆୟେଶା ସାହୁ**
କ୍ଲାସ-୩, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଧାମନଗର, ଭଦ୍ରକ
୧



**ଅନନ୍ୟା ରୂପାଲି ତ୍ରିପାଠୀ**
କ୍ଲାସ-୫, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଗୋବିନ୍ଦପାଲି, ମାଲକାନଗିରି
୨



**ସାଇ ପ୍ରଶାନ୍ତି ଦାଶ**
କ୍ଲାସ-୫, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଦାଣ୍ଡମୁକୁନ୍ଦପୁର, ପୁରୀ
୩



**ଜାହ୍ନବୀ ପଟ୍ଟନାୟକ**
କ୍ଲାସ-୨,ସେଣ୍ଟ୍ ଯୋସେଫ୍ ଗାର୍ଲସ୍ ହାଇସ୍କୁଲ, କଟକ
୪



**ସ୍ୱୟଂଜିତ**
କ୍ଲାସ-୪, ବ୍ଲେସ୍ଡ୍ ସାକ୍ରାମେଣ୍ଟ ହାଇସ୍କୁଲ, ପୁରୀ
୫



**ପି.ସି ବାଦଲ କୁମାର**
କ୍ଲାସ-୫, ଭେଙ୍କଟେଶ୍ୱର ସ୍କୁଲ, ଜାରକା, ଯାଜପୁର
୬



**ଭବାଂଶୀ ହୋତା**
କ୍ଲାସ-୪, ସାରସ୍ୱତ ବାଲ୍ ମନ୍ଦିର, ଜୟପୁର
୭



**ଦେବସ୍ମିତା ସାହୁ**
କ୍ଲାସ-୧, ଶୁଭମ ବିଦ୍ୟା ନିକେତନ, କଟକ
୮



**ତୁଳସୀ ରାଣୀ ସାହୁ**
କ୍ଲାସ-୭, ବାଘମୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଟଣାଗଡ, ବଲାଙ୍ଗୀର
୯



**ଭବାନୀ ଶଙ୍କର ମହାନ୍ତି**
କ୍ଲାସ-୫, ମଡର୍ନ ପବ୍ଲିକ ସ୍କୁଲ, ବାଲେଶ୍ୱର
୧୦





୧




୨



୩



୪



୫



୬




୭



୮



୯




୧୦



## ନିଦ ମାଉସୀ ଲୋ ନିଦ ମାଉସୀ

ନିଦ ମାଉସୀ ଲୋ ନିଦ ମାଉସୀ
ଧନକୁ ମୋର ଲୋ ଦେ ଆଉଁଶି
ଆଉଁଶି ଦେଲେ ତୁ ଧନକୁ ମୋର
ନିଦ ଆସିଯିବ ଆଖିକୁ ତା'ର।

ନିଦରେ ଯେବେ ଲୋ ପଡିବ ଶୋଇ
ମିଠା ମିଠା ସ୍ୱପ୍ନ ଦେଖିବ ସେଇ
କୁନି ଆଖି ସିନା ବଡ଼ ସପନ
ଛୁଇଁ ଆସିବ ସେ ଦୂର ଗଗନ।

ଜହ୍ନମାମୁ ଦେଶ ବୁଲିବ ଯାଇ
ଦେଖିବ ସେ ଦେଶ ପାହାଡ଼ ନଈ
ଆଉ କିସ ଅଛି ଦେଖିବ ସେଠି
ତାରା ମେଳେ ଦେଖି ସରଗଶଶୀ
ଧନ ତ ମୋର ଲୋ ହୋଇବ ଖୁସି।

ମେଘ ସବାରିରେ ଜହ୍ନକୁ ନେଇ
ପରୀ ରାଇଜରେ ଆସିବ ବୁଲି
ଜହ୍ନ, ତାରା, ପରୀ ସାଥିରେ ଧରି
ଫେରି ଖେଳିବ ସେ କଣ୍ଢେଇ କରି।

ନିଦ ମାଉସୀ ଲୋ ନିଦ ମାଉସୀ
ନ ଆସିଲେ ଧନ ବସିବ ରୁଷି
ବେଗେ ଆସ ତୁହି ନ କରି ଡେରି
ଫେରିବା ବାଟକୁ ରହିଛି ହେରି ।
ନିଦ ମାଉସୀ.....

**–ସଙ୍ଗୀତା ମିଶ୍ର**
ଆଚାର୍ଯ୍ୟା, ସ.ଶି.ବି.ମ, ଚନ୍ଦନପୁର, ପୁରୀ
ମୋ: ୯୪୩୮୩୬୬୪୧୧

କ ବି ତା

## ଆ ସ୍କୁଲ ଯିବା ସାଥି ହୋଇକି

ଟୁଆଁ ଚାହିଁଦେଲା ଟୁଇଁକି
ନୂଆ ଜାମା ପେଣ୍ଟ ପିନ୍ଧିଛି ସିଏ ବି
ହସୁଛି ମୁରୁକି ମୁରୁକି ।

ପଚାରିଲା ଗେଲ କରିକି
କୁଆଡ଼େ ବାହାରୁ ସ୍ଲେଟ୍ ଖଡ଼ି ଧରି
ପଢୁଛୁ କି ସ୍କୁଲ୍ ଯାଇକି ?

ମାଆ ଆସିଗଲେ ଧାଇଁକି
କହିଲେ ସାଥିରେ ନେଇଯା ତାକୁରେ
ଆସିବ ସେ ଖଡ଼ି ଛୁଇଁକି।
ଟୁଆଁ ଧରିନେଲା ଟୁଇଁକି
ମନ୍ତ୍ର ପଢ଼ି ନନା ଖଡ଼ି ଛୁଆଁଇଲେ
ଟୁଇଁ ମନ ନାଚେ ଡେଇଁକି।

ମାଆ ବାଗ୍‌ଦେବୀଙ୍କୁ ଚାହିଁକି
ଟୁଆଁ ଗୁହାରିଲା ତା'ଭଳିଆ ଭଲ
ପାଠ ଦେବେ ତା'ର ଟୁଇଁକି ।

ବିଦ୍ୟା ମୂଲ୍ୟ କଳି ହୁଏ କି
ସେ ଧନରେ ଧନୀ ହୋଇଥାଏ ଯିଏ
କେଉଁଠି କେବେ ସେ ହାରେକି ।

ଟୁଆଁ ହସି ଚାହେଁ ଟୁଇଁକି
ଭାବେ ଆର ବର୍ଷ ଡାକିବ ତାକୁ ଆ..
ସ୍କୁଲ୍ ଯିବା ସାଥି ହୋଇକି ।

**–ଚକ୍ରଧର ସାହୁ**
ସବ୍– ଟ୍ରେଜେରି, ବଣେଇ, ସୁନ୍ଦରଗଡ଼

## କହିଲ ଦେଖି

୧) ସକାଳ ହୋଇଲେ ଆସୁଛି ମାଡ଼ି
ସତେକି ଆସିଛି ବରଷା ଝଡ଼ି
ବର୍ଷା ନୁହେଁ କିନ୍ତୁ ଭିଜେଇ ଦିଏ
ଶୀତ ସକାଳରେ ଡେରା ପକାଏ
ଆକାଶେ ସୂରଯ ଦେଖିଲା ପରେ
ଭୟେ ଚାଲିଯାଏ ଅନେକ ଦୂରେ
ଶୀତ ସକାଳରେ ଆସଇ ଧାଇଁ
କିଏ ସେ ପାରିବ ନାମ ତା' କହି।



ଉ–କୁହୁଡ଼ି



୨) ଶୀତ ସକାଳରେ ଆସଇ ସିଏ
ଘାସର ଉପରେ ଝଲସୁ ଥାଏ
ଦିଶୁଥାଏ ସିଏ ମୁକୁତା ପରି
ଘାସ ସାଜୁଥାଏ ଭାରି ସୁନ୍ଦରୀ
କିଏ ସେ ଜାଣିଛି ପାରିବ କହି
ହସିଉଠେ ଧରଣୀ ଦେଲେ ସେ ଛୁଇଁ।

ଉ–କାକର

୩) ଫୁଲଟିଏ କିନ୍ତୁ ଫୁଲ ସେ ନୁହେଁ
ଅନ୍ୟ ନାମେ ସିଏ ନାମିତ ହୁଏ
ଫୁଟିଥିଲେ ବାସି ମହକି ଯାଏ
ଗଛରେ ରହି ସେ ଶୋଭା ବଢ଼ାଏ
କୁହୁଡ଼ି ସାଜଇ ଶତ୍ରୁ ତାହାର
ଜାଳି ଦିଏ ଆସି ତା'ର ଶରୀର
ଫଳାଇଥାଏ ସେ ଜାତୀୟ ଫଳ
କିଏ ସେ କହିବ ନାମ ତାହାର।



ଉ– ଆମ୍ବ ବଉଳ

**–ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ଉତ୍ତରକୂଳହାଟ, ପ୍ରୀତିପୁର, ଯାଜପୁର
ମୋ:୮୮୯୨୩୦୧୧୪୩

## ଏଥରର ପ୍ରଶ୍ନ

### କେଉଁଟି ଅଲଗା

- ନଦୀ, ହ୍ରଦ, ଜଙ୍ଗଲ, ସମୁଦ୍ର, ଝରଣା
- ଚୌକି, ଆସନ, ଟେବୁଲ, ଖଟ, ସୋଫା
- ପାକସ୍ଥଳୀ, ହୃତ୍‌ପିଣ୍ଡ, ବୃକକ୍, ଫୁସ୍‌ଫୁସ୍, ଆଖି
- କ୍ୟାରମ୍, ହକି, କ୍ରିକେଟ, ବ୍ୟାଡମିଣ୍ଟନ, ଟେନିସ୍
- କଇଁଚି, ଛୁରି, ପନିକି, ବ୍ଲେଡ, ହାତୁଡ଼ି

## ଆରଥରର ଉତ୍ତର

ମା' ସରସ୍ୱତୀ

ଧଳା ହଂସ

ବସନ୍ତ ପଞ୍ଚମୀ

୧୯୫୦, ଜାନୁୟାରୀ ୨୬

ଡ. ବି.ଆର ଆମ୍ବେଡକର

## କୁନି ନୃତ୍ୟଶିଳ୍ପୀ ଦେବାଙ୍ଗୀ

କୁନି ନୃତ୍ୟଶିଳ୍ପୀ ଦେବାଙ୍ଗୀ ସେନାପତି। ଯାଜପୁର ରୋଡ୍‌ସ୍ଥିତ ଗ୍ଲୋରିୟସ୍ ଇଂଲିଶ୍ ମିଡିୟମ୍ ସ୍କୁଲର କ୍ଲାସ ୩ ଛାତ୍ରୀ। ପାଠ ପଢା ସାଙ୍ଗକୁ ନୃତ୍ୟ ଏବଂ ବକ୍ତୃତା ପ୍ରତି ତାଙ୍କର ରହିଛି ରୁଚି। ବଡ଼ ଭଉଣୀ ଦିବ୍ୟାନୀଙ୍କ ନୃତ୍ୟ ପ୍ରତିଭାରେ ଅନୁପ୍ରାଣିତ ହୋଇ ମାତ୍ର ୪ ବର୍ଷ ବୟସରୁ ଦେବାଙ୍ଗୀ ନୃତ୍ୟ କରିବା ଆରମ୍ଭ କରିଥିଲେ। ତା' ପରେ ଗୁରୁ ଭୋଳାନାଥ ଘୋଷ ଏବଂ ଜଗନ ସାର୍‌ଙ୍କ ଠାରୁ ନୃତ୍ୟଶିକ୍ଷା ଆରମ୍ଭ କରିଥିଲେ। ଏହାପରେ ସେ ସ୍କୁଲ ତଥା ବିଭିନ୍ନ ମଞ୍ଚରେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ଜିଣିବା ସହ ଅନେକ ପ୍ରଶଂସା ମଧ୍ୟ ଲାଭ କଲେ। ୬ ବର୍ଷ ବୟସରେ ଜିଲା ସ୍ତରୀୟ ନୃତ୍ୟ ପ୍ରତିଯୋଗିତା 'ଡ୍ୟାନ୍ସିଂ ସୁପର ଷ୍ଟାର'ର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିବା ସହ 'ପ୍ରାଇଡ୍ ଅଫ୍ ଯାଜପୁର' ନାମକ ଏକ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଟାଇଟଲ ବିଜୟିନୀ ହେବାର ଗୌରବ ମଧ୍ୟ ଅର୍ଜନ କରିଛନ୍ତି। ସେବେଠାରୁ ସେ ପଛକୁ ଫେରି ଚାହିଁ ନାହାନ୍ତି। ରାଜ୍ୟ ଏବଂ ଜାତୀୟସ୍ତରୀୟ ନୃତ୍ୟ ପ୍ରତିଯୋଗିତାରେ ଭାଗ ନେଇ ନିଜ ସ୍କୁଲ ତଥା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। କଟକ କଳା ବିକାଶ କେନ୍ଦ୍ରରୁ ପ୍ରଥମ ପୁରସ୍କାର, ଭୁବନେଶ୍ୱରର ସ୍ୱାଗତିକା ଅନୁଷ୍ଠାନ ତରଫରୁ ଲିଟିଲ ମିସ୍ ଟାଲେଣ୍ଟ କନ୍ୟାରତ୍ନ, ଜାମସେଦପୁରର ବିକେ ଲାଲ ଫାଉଣ୍ଡେସନ ତରଫରୁ ପ୍ରଥମ ପୁରସ୍କାର ତଥା ରାଜ୍ୟ ନୃତ୍ୟଶ୍ରୀ ସମ୍ମାନ ଆଦିରେ ସମ୍ମାନିତ ହୋଇଛନ୍ତି। ନୃତ୍ୟରେ ଅଧିକ ପାରଙ୍ଗମତା ଲାଭ କରିବା ପାଇଁ ସେ ବର୍ତ୍ତମାନ ଆନନ୍ଦପୁରର ବୀଣାପାଣି କଳାନିକେତନରେ ନାମ ଲେଖାଇବା ସହ ନୃତ୍ୟଗୁରୁ ଜିତୁ ଦାସଙ୍କ ଠାରୁ ନୃତ୍ୟ ଶିକ୍ଷା ନେଉଛନ୍ତି। ଏହା ମଧ୍ୟରେ ଦେବାଙ୍ଗୀ ଓଡ଼ିଶା ତଥା ଓଡ଼ିଶା ବାହାରେ ବିଭିନ୍ନ ମଞ୍ଚରେ ନୃତ୍ୟ ପ୍ରଦର୍ଶନ କରି ପୁରସ୍କାର ତଥା ସମ୍ମାନ ଲାଭ କରିଛନ୍ତି। ଏ ସମ୍ପର୍କରେ ଦେବାଙ୍ଗୀ କୁହନ୍ତି, 'ମଞ୍ଚରେ ନୃତ୍ୟ କଲା ବେଳେ ଦର୍ଶକଙ୍କ କରତାଳି ତାଙ୍କୁ ବେଶ୍ ଆନନ୍ଦ ଦିଏ।' ତେବେ ମା' ବୀଣାପାଣି ମିଶ୍ରଙ୍କ ସ୍ୱପ୍ନକୁ ସାକାର କରିବାକୁ ଯାଇ ଦିନେ ଜଣେ ବିଶିଷ୍ଟ ନୃତ୍ୟଶିଳ୍ପୀ ହେବେ ବୋଲି ସେ ଲକ୍ଷ୍ୟ ରଖିଛନ୍ତି।

**–ଲିପ୍‌ସା ବିଶୋଇ**



ଶିଶୁ ପ୍ରତିଭା

# ଜଣା ଅଜଣା

* ପୃଥିବୀର ସବୁଠାରୁ କ୍ଷୁଦ୍ର ବିଲେଇ ହେଉଛି ଟିଙ୍କର ଟଏ ଯାହାର ଲମ୍ବ ମାତ୍ର ୭ ସେଣ୍ଟିମିଟର।



* ଦକ୍ଷିଣ ଆଫ୍ରିକାର ୧୦ଟି ସରକାରୀ ଭାଷା ରହିଛି, ତେଣୁ ଏହାକୁ ରେନ୍‌ବୋ ନେଶନ ବୋଲି କୁହାଯାଏ।





* ପୃଥିବୀରେ ଉତ୍ପାଦନ ହେଉଥିବା ଚାଉଳର ୯୦ ପ୍ରତିଶତ କେବଳ ଏସିଆ ମହାଦେଶରେ ଖିଆଯାଇଥାଏ।

* ଅକ୍ଟୋପସ୍ ଏକାଥରକେ ୫୦ ହଜାରରୁ ଅଧିକ ଛୁଆ ଜନ୍ମ କରିଥାଏ।



* ଗୋଲିଆଥ ଟାଇଗର ଫିଶ୍ ନାମକ ଏକ ମାଛ ପ୍ରଜାତି କୁମ୍ଭୀର ଛୁଆକୁ ମଧ୍ୟ ଖାଇଦେଇଥାଏ।





* ଯଦି କୌଣସି ଜେବ୍ରାକୁ ଶିକାରୀ ଆକ୍ରମଣ କରେ ତେବେ ପୂରା ପରିବାର ଏହାର ସୁରକ୍ଷାରେ ଲାଗିପଡ଼ନ୍ତି ଏବଂ ଶିକାରୀକୁ ଘଉଡ଼େଇବାରେ ସାହାଯ୍ୟ କରନ୍ତି।

# ଆ ଇ ନା



ଭୌମିତ୍
୧୨ ବର୍ଷ

ଶିୟା
୯ ବର୍ଷ





ପଲକ୍
୮ ବର୍ଷ